ପଞ୍ଜାବ ରାଜ୍ୟ

ବନାମ

ଅନିଲ କୁମାର

25 ଏପ୍ରିଲ, 2007

[ଡଃ ଅରିଜିତ ପଶାୟତ ଏବଂ ଲୋକେଶ୍ୱର ସିଂହ ପଣ୍ଟା, ନ୍ୟାୟମୂର୍ତ୍ତିଦ୍ୱୟ]

*ଶ୍ରମ ଆଇନ:*

*ଶିଳ୍ପ ବିବାଦ ଅଧିନିୟମ, 1947:*

*ଚାକିରିରେ ପୁନଃସ୍ଥାପନ- ବକେୟା ମଜୁରୀ - ଦୈନିକ ମଜୁରୀରେ ନିଯୋଜିତ ଶ୍ରମିକ- ସେବାର ସମାପ୍ତି- 13 ବର୍ଷ ପରେ ବିଚାରାର୍ଥେ ପ୍ରେରଣ ଦାବି- ଶ୍ରମ ନ୍ୟାୟାଳୟଙ୍କ ଦ୍ୱାରା 40% ପିଛିଲା ମଜୁରୀ ସହିତ ପୁନଃସ୍ଥାପନର ଅଧିନିର୍ଣ୍ଣୟ – ଉଚ୍ଚ ନ୍ୟାୟାଳୟ ହସ୍ତକ୍ଷେପ କରିବାକୁ ମନା କରିଲେ – ଦର୍ଶାଯାଇଛି: ଯେହେତୁ ଉଚ୍ଚ ନ୍ୟାୟାଳୟ ଏକ ନିର୍ଣ୍ଣୟ ଲିପିବଦ୍ଧ କରିଛନ୍ତି ଯେ, ଶ୍ରମିକ 240 ଦିନ ପାଇଁ କାମ କରିଥିଲେ, ପୁନଃସ୍ଥାପନ ଆଦେଶ ବଜାୟ ରହିଲା- ତେବେ, 13 ବର୍ଷ ପରେ ଶ୍ରମ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ, ବକେୟା ମଜୁରୀ ପ୍ରଦାନ ନିର୍ଦ୍ଦେଶକୁ ଖାରଜ କରାଯାଇଛି – ବିଳମ୍ବ / ଅବହେଳାଗୁଡ଼ିକ ।*

ଉତ୍ତରଦାତା 6.2.1981 ରୁ 30.9.1985 ମଧ୍ୟରେ ସମୟ ସମୟରେ ନିର୍ଦ୍ଦିଷ୍ଟ ଅବଧି ପାଇଁ ଆପିଲକାରୀ-ରାଜ୍ୟର ସଡ଼କପଥରେ ଦୈନିକ ମଜୁରୀରେ ନିଯୁକ୍ତ ଥିଲେ । ତା'ପରେ ତାଙ୍କୁ ନିଯୁକ୍ତ କରାଯାଇନଥିଲା । ଉତ୍ତରଦାତା ସେବାରେ ଜାରି ରହିବା ଦାବି କରି ଗୋଟିଏ ପରେ ଗୋଟିଏ ଦୁଇଟି ଦେୱାନୀ ମାମଲା ଦାଖଲ କରିଥିଲେ । ତଥାପି, ଅପିଲ ପର୍ଯ୍ୟାୟରେ ଉଭୟ ମାମଲାକୁ ସେ ପ୍ରତ୍ୟାହାର କରିନେଇଥିଲେ । ଏହା ପରେ, ଶିଳ୍ପ ବିବାଦ ଅଧିନିୟମ, 1947 ଅଧୀନରେ ଏକ ଦାବି ବିଜ୍ଞପ୍ତି, 20.9.1998 ରେ ଅପିଲକାରୀଙ୍କୁ ପ୍ରଦାନ କରାଯାଇଥିଲା, ଏହି ମାମଲାକୁ ଶ୍ରମ ନ୍ୟାୟାଳୟଙ୍କୁ ପଠାଯାଇଥିଲା, ଯାହା ତା12.11.2003ରିଖରେ ଏକ ଅଧିନିର୍ଣ୍ଣୟ ପ୍ରଦାନ କରିଥିଲା ଯେଉଁଥିରେ ଉତ୍ତରଦାତାଙ୍କୁ 20.9.1998 ରୁ 40% ବକେୟା ମଜୁରୀ ସହିତ ପୁନଃସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଉତ୍ତରଦାତା 1.4.2005ରେ କାର୍ଯ୍ୟରେ ଯୋଗ ଦେଇଥିଲେ । ଅପିଲକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ରିଟ୍ ଆବେଦନ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଖାରଜ କରିଦିଆଯାଇଥିଲା ଏହା ପର୍ଯ୍ୟବେକ୍ଷଣ କରି ଯେ, ଶ୍ରମିକ ତାଙ୍କ ଚାକିରି ସମାପ୍ତ ହେବା ପୂର୍ବରୁ 240 ଦିନରୁ ଅଧିକ ସମୟ ପାଇଁ କାମ କରିଥିଲେ ।

ରାଜ୍ୟ ସରକାରଙ୍କ ଦ୍ୱାରା ଦାଖଲ କରାଯାଇଥିବା ବର୍ତ୍ତମାନର ଅପିଲରେ, ଏହା ଯୁକ୍ତି କରାଯାଇଥିଲା ଯେହେତୁ ଉତ୍ତରଦାତା ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ନିୟୋଜିତ ଥିଲେ, ପୁନଃସ୍ଥାପନ ନିର୍ଦ୍ଦେଶ ଦିଆଯାଇପାରି ନଥାନ୍ତା; ଏବଂ 13 ବର୍ଷ ପରେ ବିଚାରାର୍ଥେ ପ୍ରେରଣ ପାଇଁ ଦାବି ବିଳମ୍ବରେ କରାଯାଇଥିଲା ।

ନ୍ୟାୟାଳୟ ଅପିଲକୁ ଅନୁମତି ଦେଇକରି, ଏହି ନ୍ୟାୟାଳୟ ।

**ଦର୍ଶାଯାଇଛି: ବାସ୍ତବ ସ୍ଥିତିକୁ ଦୃଷ୍ଟିରେ ରଖି, ଶ୍ରମ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶରେ କୌଣସି ଅଦୃଢତା ନାହିଁ, ଯେପରିକି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଶ୍ଚିତ କରାଯାଇଛି, ଯେତେଦୂର ଉତ୍ତରଦାତା-ଶ୍ରମିକଙ୍କ ପୁନଃସ୍ଥାପିତ ହେବାର ଅଧିକାର ସମ୍ପୃକ୍ତ । ସେହି ସମୟରେ ବିଳମ୍ବରେ ପଦକ୍ଷେପ ନିଆଯାଇଥିଲା ବୋଲି ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ । ସ୍ୱୀକାରଯୋଗ୍ୟ ଭାବେ, 13 ବର୍ଷ ପରେ ଶ୍ରମ ନ୍ୟାୟାଳୟକୁ ସ୍ଥାନାନ୍ତର କରାଯାଇଥିଲା । ମାମଲାର ବିଶିଷ୍ଟ ପରିସ୍ଥିତିରେ, ବକେୟା ମଜୁରୀଗୁଡ଼ିକ ପ୍ରଦାନ ପାଇଁ ନିର୍ଦ୍ଦେଶକୁ ବାତିଲ କରିଦିଆଯାଇଛି ।**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା- 2139/2007 ।

ଦେୱାନୀ ରିଟ୍ ଆବେଦନ ସଂଖ୍ୟା- 6927/2005ରେ ଚଣ୍ଡିଗଡ଼ ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର ତା05.05.2005ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଆର୍.କେ.ରାଠୋଡ୍, ଏମ୍.କେ.ବର୍ମା ଏବଂ ସଞ୍ଜୟ ଜୈନ ।

ଉତ୍ତରଦାତାମାନଙ୍କ ପାଇଁ ରଣବୀର ସିଂହ ୟାଦବ ଏବଂ ସମୀର କୁମାର ଶ୍ରୀବାସ୍ତବ ।

ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା :

**ଡଃ ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତି ।** 1. ଅନୁମତି ଦିଆଗଲା ।

2. ଏହି ଅପିଲରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର ଏକ ଖଣ୍ଡ ପୀଠଙ୍କ ଦ୍ୱାରା ଅପିଲକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ରିଟ୍ ଆବେଦନକୁ ସଂକ୍ଷେପରେ ଖାରଜ କରି ପାଇଁ ଦିଆଯାଇଥିବା ଆଦେଶକୁ ଆପତ୍ତି କରାଯାଇଛି ।

3. ସଂକ୍ଷେପରେ ପୃଷ୍ଠଭୂମି ତଥ୍ୟଗୁଡ଼ିକ ନିମ୍ନଲିଖିତ ଅଟେ:

ପଞ୍ଜାବ ରୋଡୱେଜ୍, ଜଳନ୍ଧର ଡିପୋରେ ଉତ୍ତରଦାତା 6.2.1981ରୁ ଦୈନିକ ମଜୁରୀରେ ନିଯୁକ୍ତ ଥିଲେ । ସେ 15.9.1981 ରୁ 27.12.1981 ପର୍ଯ୍ୟନ୍ତ ଜଳନ୍ଧର ଡିପୋ ସଂଖ୍ୟା- 2 ରେ ଏହି ଆଧାରରେ ନିଯୁକ୍ତ ଥିଲେ । ପୁନର୍ବାର, ସେ 16.2.1983 ରୁ 30.9.1985 ପର୍ଯ୍ୟନ୍ତ ମୋଗାର ପଞ୍ଜାବ ରୋଡୱେଜ୍ ରେ ଦୈନିକ ମଜୁରୀରେ ନିଯୁକ୍ତ ଥିଲେ । ଏପରି ନିଯୁକ୍ତିଗୁଡ଼ିକ ନିର୍ଦ୍ଦିଷ୍ଟ ଅବଧି ପାଇଁ ଥିଲା । ଯେହେତୁ ଉତ୍ତରଦାତାଙ୍କ ପାଇଁ ପଞ୍ଜାବ ରୋଡୱେଜ୍, ମୋଗାରେ କୌଣସି କାମ ନଥିଲା, ସେ 30.9.1985 ପରେ ନିଯୁକ୍ତ ହୋଇ ନଥିଲେ ।

4. ଉତ୍ତରଦାତା ଜଳନ୍ଧରର ଦେୱାନୀ ନ୍ୟାୟାଳୟରେ ଦେୱାନୀ ମକଦ୍ଦମା ଦାଖଲ କରିଥିଲେ ଏବଂ ଦାବି କରିଥିଲେ ଯେ, ସେ ନିରନ୍ତର ଚାକିରିରେ ଥିଲେ । ବିଜ୍ଞ ଦେୱାନୀ ନ୍ୟାୟାଳୟ ମକଦ୍ଦମାକୁ ଡିକ୍ରି ଦେଇ କହିଥିଲେ ଯେ, ଉତ୍ତରଦାତାଙ୍କୁ ଅପିଲକାରୀଙ୍କ କର୍ମଚାରୀ ଭାବରେ ବିବେଚନା କରାଯାଉଛି ଏବଂ ସେ ମକଦ୍ଦମା ଦାଖଲ ତାରିଖରୁ ମଜୁରୀ ପାଇବାର ହକଦାର ଅଟନ୍ତି ।

5. ଅପିଲକାରୀଙ୍କ ଦ୍ୱାରା ଜଳନ୍ଧର ଜିଲ୍ଲା ବିଚାରପତିଙ୍କ ନ୍ୟାୟାଳୟରେ ଏକ ଅପିଲ ଦାଖଲ କରାଯାଇଥିଲା । ଉତ୍ତରଦାତାଙ୍କ ଦ୍ୱାରା ମକଦ୍ଦମା ପ୍ରତ୍ୟାହାର କରାଯାଇଥିଲା ଏବଂ ତା9.2.1991ରିଖର ରାୟ ଏବଂ ଡିକ୍ରି ତାର ପ୍ରଭାବ ହରାଇଥିଲା । ଘୋଷଣା

ପାଇଁ 9.5.1994ରେ ଉତ୍ତରଦାତା ପୁନର୍ବାର ଏକ ଦେୱାନୀ ମକଦ୍ଦମା ଦାଖଲ କରିଥିଲେ ଯେ, 5.2.1981 ଠାରୁ ପଞ୍ଜାବ ରୋଡୱେଜରେ ତାଙ୍କର ଚାକିରି ନିୟମିତ ହୋଇଛି । ଉକ୍ତ ମକଦ୍ଦମାକୁ ଦେୱାନୀ ବିଚାରପତି (କନିଷ୍ଠ ପ୍ରଭାଗ) 12.10.1996 ରେ ଖାରଜ କରିଦେଇଥିଲେ । ଉତ୍ତରଦାତା ଜଳନ୍ଧର ଜିଲ୍ଲା ବିଚାରପତିଙ୍କ ନ୍ୟାୟାଳୟରେ ଏକ ଅପିଲ ଦାଖଲ କରିଥିଲେ । ଉକ୍ତ ଅପିଲ ପୁନର୍ବାର 17.9.1998 ରେ ପ୍ରତ୍ୟାହାର କରାଯାଇଥିଲା ।

6. ଶିଳ୍ପ ବିବାଦ ଅଧିନିୟମ, 1947 (ସଂକ୍ଷେପରେ 'ଅଧିନିୟମ')ର ବ୍ୟବସ୍ଥା ଅଧୀନରେ ଏକ ଦାବି ବିଜ୍ଞପ୍ତି 29.9.1998 ରେ ଉତ୍ତରଦାତାଙ୍କ ଦ୍ଵାରା ଅପିଲକାରୀଙ୍କୁ ପ୍ରଦାନ କରାଯାଇଥିଲା । ଅଧିନିୟମ ଅଧୀନରେ ବିଚାର ପାଇଁ ମାମଲାଟିକୁ ଶ୍ରମ ନ୍ୟାୟାଳୟ, ଜଳନ୍ଧରକୁ ବିଚାରାର୍ଥେ ପଠାଯାଇଥିଲା । ଅପିଲନକାରୀ ଲିଖିତ ବିବୃତ୍ତି ଦାଖଲ କରି ପ୍ରାରମ୍ଭିକ ଆପତ୍ତି ଉଠାଇଥିଲେ ଯେ, (a) ବିଳମ୍ବିତ ହେବା ଦ୍ଵାରା ବିଚାରାର୍ଥେ ପ୍ରେରଣ ଭୁଲ ଥିଲା, (b) ଏହି ନିବୃତ୍ତି ଯଥାର୍ଥ ଥିଲା ଏବଂ (c) ଅପିଲକାରୀ ପୂର୍ବରୁ ଦେୱାନୀ ନ୍ୟାୟାଳୟରେ ସୁଯୋଗ ପାଇସାରିଛନ୍ତି । ଜଳନ୍ଧରର ଶ୍ରମ ନ୍ୟାୟାଳୟ ଏକ ଅଧିନିର୍ଣ୍ଣୟ ପାରିତ କରିଲେ ଯେଉଁଥିରେ ଦାବି ସୂଚନାର ତାରିଖରୁ ଅର୍ଥାତ 29.9.1998 ରୁ ୪୦% ବକେୟା ମଜୁରୀ ସହିତ ପୁନଃସ୍ଥାପନ ପାଇଁ ନିର୍ଦ୍ଦେଶ ପ୍ରଦାନ କରାଗଲା । ବର୍ତ୍ତମାନର ଅପିଲକାରୀଙ୍କୁ ଏହି ଅଧିନିର୍ଣ୍ଣୟ ତା12.11.2003ରିଖକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଉତ୍ତରଦାତାଙ୍କ ଦ୍ଵାରା ଏକ ରିଟ୍ ଆବେଦନ ଅର୍ଥାତ ସିଡବ୍ଲ୍ୟୁପି ସଂଖ୍ୟା- 4748/2005 ଦାଖଲ କରାଯାଇଥିଲା । ସେ 1.4.2005ରେ କାର୍ଯ୍ୟରେ ଯୋଗ ଦେଇଥିଲେ ।

7. ଅପିଲକାରୀ ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ଆବେଦନ ମଧ୍ୟ ଦାଖଲ କରିଥିଲେ ଯାହା ଦେୱାନୀ ରିଟ୍ ଆବେଦନ ସଂଖ୍ୟା- 6927/2005 ଭାବରେ ସଂଖ୍ୟାଙ୍କିତ ହୋଇଥିଲା ।

8. ଅପିଲକାରୀଙ୍କ ଦ୍ଵାରା ଦାଖଲ କରାଯାଇଥିବା ରିଟ୍ ଆବେଦନକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି । ଉଚ୍ଚ ନ୍ୟାୟାଳୟ ଉଲ୍ଲେଖ କରିଛନ୍ତି ଯେ, ଶ୍ରମିକ ଜଣକ ତାଙ୍କ ସେବା ସମାପ୍ତ ହେବା ପୂର୍ବରୁ 240 ଦିନରୁ ଅଧିକ କାର୍ଯ୍ୟ କରିଥିଲେ ଏବଂ ସେହି ଅନୁସାରେ ଶ୍ରମ ନ୍ୟାୟାଳୟର ଅଧିନିର୍ଣ୍ଣୟ କୌଣସି ହସ୍ତକ୍ଷେପର ଆବଶ୍ୟକତା ନଥିଲା ।

9. ଅପିଲର ସମର୍ଥନରେ, ଅପିଲକାରୀଙ୍କ ବିଜ୍ଞ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ, ଦାଖଲ କରାଯାଇଥିବା ଦେୱାନୀ ମକଦ୍ଦମା ସମ୍ପୂର୍ଣ୍ଣ ଭୁଲ ଧାରଣାରେ ପର୍ଯ୍ୟବେଶିତ ଥିଲା । ନିଯୁକ୍ତ ହୋଇଥିବା ନିର୍ଦ୍ଦିଷ୍ଟ ସମୟ ସମାପ୍ତ ହେବା ଉପରେ ଅଧିନିୟମର ଧାରା- 2(oo)(bb) ଦୃଷ୍ଟିରୁ, ପୁନଃସ୍ଥାପନ ପାଇଁ କୌଣସି ନିର୍ଦ୍ଦେଶର ସୁଯୋଗ ନଥିଲା । ଅଧିନିୟମ ଅଧୀନରେ ବିଚାରାର୍ଥେ ପ୍ରେରଣ ପାଇଁ 13 ବର୍ଷ ପରେ ଦାବି କରାଯାଇଥିଲା ।

10. ଅନ୍ୟପକ୍ଷରେ ଉତ୍ତରଦାତାଙ୍କ ବିଜ୍ଞ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ, ଶ୍ରମ ନ୍ୟାୟାଳୟରେ ଏକ ସ୍ପଷ୍ଟ ସ୍ୱୀକାରୋକ୍ତି ଥିଲା ଯେ, ଉତ୍ତରଦାତା 240 ଦିନରୁ ଅଧିକ ସମୟ ଧରି କାମ କରିଥିଲେ ।

11. ଉପରେ ଦର୍ଶାଯାଇଥିବା ତଥ୍ୟଗତ ସ୍ଥିତିକୁ ଦୃଷ୍ଟିରେ ରଖି, ଆମେ ଶ୍ରମ ନ୍ୟାୟାଳୟଙ୍କ ଦ୍ଵାରା ପାରିତ ଆଦେଶରେ କୌଣସି ଅଦୃଢତା ପାଇନାହୁଁ, ଯାହା ଉଚ୍ଚ ନ୍ୟାୟାଳୟଙ୍କ ଦ୍ଵାରା ପୁନଃ ସ୍ଥାପିତ ହେବାକୁ ଥିବା ଉତ୍ତରଦାତା-ଶ୍ରମିକଙ୍କ ଅଧିକାର ପର୍ଯ୍ୟନ୍ତ ନିଶ୍ଚିତ ହୋଇଛି ।

12. ସେହି ସମୟରେ, ବିଳମ୍ବରେ ପଦକ୍ଷେପ ନିଆଯାଇଥିଲା, ଏହି ସତ୍ୟକୁ ମଧ୍ୟ ଭୁଲିଯାଇପାରିବ ନାହିଁ । ସ୍ୱୀକାର୍ଯ୍ୟ ଭାବରେ, ବିଳମ୍ବରେ ପଦକ୍ଷେପ ନିଆଯାଇଥିଲା ଏବଂ 13 ବର୍ଷ ପରେ ଶ୍ରମ ନ୍ୟାୟାଳୟଙ୍କୁ ପଠାଯାଇଥିଲା ।

13. ମାମଲାର ବିଶିଷ୍ଟ ପରିସ୍ଥିତିଗୁଡ଼ିକରେ ପୁନଃସ୍ଥାପନ ପାଇଁ ନିର୍ଦ୍ଦେଶକୁ ବଜାୟ ରଖୁଥିବାବେଳେ, ଆମେ ନିର୍ଦ୍ଦେଶ ଦେଉଛୁ ଯେ, ଶ୍ରମ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶନାମା, ଯାହା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ବକେୟା ମଜୁରୀ ପ୍ରଦାନ କରିବା ସମ୍ବନ୍ଧରେ ନିଶ୍ଚିତ କରାଯାଇଛି, ପରିବର୍ତ୍ତନ କରାଯିବା ଆବଶ୍ୟକ ଅଟେ ।

14. ଉପରୋକ୍ତ ପୃଷ୍ଠଭୂମିରେ, ପୁନଃସ୍ଥାପନ ପାଇଁ ନିର୍ଦ୍ଦେଶ ବଜାୟ ରଖିବା ପର୍ଯ୍ୟନ୍ତ ବକେୟା ମଜୁରୀ ପ୍ରଦାନ ପାଇଁ ନିର୍ଦ୍ଦେଶକୁ ରଦ୍ଦ କରାଯାଇଛି ।

15. ଉପରୋକ୍ତ ପରିସର ପର୍ଯ୍ୟନ୍ତ ଅପିଲକୁ ଅନୁମତି ଦିଆଯାଉଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. ଅପିଲ ଆଂଶିକ ଅନୁମତି ପ୍ରାପ୍ତ ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :**

**ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**